**ଓଡ଼ିଶା** ଅଧିନିୟମ 1993**ର** 1

ଓଡ଼ିଶା ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ (ହିନ୍ଦୀ ଶିକ୍ଷକମାନଙ୍କ ନିଯୁକ୍ତିର ବିଧିମାନ୍ୟକରଣ) ଅଧିନିୟମ, 1992

(1992 ଡିସେମ୍ବର 28ରେ ରାଜ୍ୟପାଳଙ୍କ ସମ୍ମତିପ୍ରାପ୍ତ। ଓଡ଼ିଶା ଅସାଧାରଣ ଗେଜେଟରେ 1993 ଜାନୁଆରୀ 7ସଂସ୍କରଣରେ ପ୍ରଥମେ ପ୍ରକାଶିତ)

ରାଜ୍ୟରେ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ହିନ୍ଦୀ ଶିକ୍ଷକମାନଙ୍କ ନିଯୁକ୍ତିକୁ ବିଧିମାନ୍ୟ କରିବା ସକାଶେ ଏକ ଅଧିନିୟମ ।

ଭାରତ ଗଣରାଜ୍ୟର 43ତମ ବର୍ଷରେ ଓଡ଼ିଶା ରାଜ୍ୟର ବିଧାନମଣ୍ଡଳ ଦ୍ୱାରା ନିମ୍ନମତେ ଅଧିନିୟମିତ ହେଲା,-

ସଂକ୍ଷିପ୍ତ ନାମ

1. ଏହି ଅଧିନିୟମଟି ଓଡ଼ିଶା ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ (ହିନ୍ଦୀ ଶିକ୍ଷକମାନଙ୍କ ନିଯୁକ୍ତିର ବିଧିମାନ୍ୟକରଣ) ଅଧିନିୟମ, 1992 ନାମରେ ଅଭିହିତ ହେବ।

ସଂଜ୍ଞା

2. ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁନଥିଲେ, ଏହି ଅଧିନିୟମରେ-

(କ) ‘ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ’ ଅର୍ଥ ଏକ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ, ଯାହାକି ଏକ ଉଚ୍ଚ ବିଦ୍ୟାଳୟ;

(ଖ) ‘ଶିକ୍ଷା ଅଧିନିୟମ’ ଅର୍ଥ ଓଡ଼ିଶା ଶିକ୍ଷା ଅଧିନିୟମ, 1969;

(ଗ) ‘ଚୟନ ମଣ୍ଡଳୀ’ ଅର୍ଥ ଓଡ଼ିଶା ଶିକ୍ଷା ଅଧିନିୟମ, 1969 ଅନୁଯାୟୀ ଗଠିତ ଚୟନ ମଣ୍ଡଳୀ; ଏବଂ

(ଘ) ଏହି ଅଧିନିୟମରେ ଯେଉଁ ଶବ୍ଦ ଓ ଅଭିବ୍ୟକ୍ତି ବ୍ୟବହାର କରାଯାଇଛି, ମାତ୍ର ଏଠାରେ ତାହାକୁ ସଂଜ୍ଞା କରାଯାଇନାହିଁ, ଶିକ୍ଷା ଅଧିନିୟମ କିମ୍ବା ତାହା ଅଧୀନରେ ପ୍ରଣୀତ ନିୟମାବଳୀ ଓ ବିନିୟମାବଳୀରେ ସେଗୁଡିକରର ଯେଉଁ ଅର୍ଥ ଅଛି, ଯଥାକ୍ରମେ ସେହି ଅର୍ଥ ହେବ ।

ବିଧିମାନ୍ୟକରଣ

3. ଶିକ୍ଷା ଅଧିନିୟମ କିମ୍ବା ଏହା ଅଧୀନରେ ପ୍ରଣୀତ ନିୟମାବଳୀ ଓ ବିନିୟମାବଳୀରେ ଯାହାକିଛି ଥିବା ସତ୍ତ୍ୱେ, 1985 ଜାନୁଆରୀ 1 ପରେ ଏବଂ 1991 ଡିସେମ୍ବର 31 ପୂର୍ବରୁ ଶିକ୍ଷା ଅଧିନିୟମ ଅନୁଯାୟୀ ସ୍ୱ ସ୍ୱ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟର ଯେଉଁ ହିନ୍ଦୀ ଶିକ୍ଷକମାନେ କୌଣସି ବିରତି ଥାଇ ବା ନଥାଇ ଅନ୍ୟୂନ ଏକ ବର୍ଷ ସଂପୂର୍ଣ୍ଣ କରଥିବେ ଓ ଯେଉଁମାନଙ୍କର ଆବଶ୍ୟକ ଯୋଗ୍ୟତା ଥିବ ଓ ସେପରି କାର୍ଯ୍ୟ କରିଚାଲିଥିବେ ସେମାନେ ସମସ୍ତ ଅଭିପ୍ରାୟରେ ଓ ଉଦ୍ଦେଶ୍ୟରେ ବିଧିମାନ୍ୟ ଭାବରେ ଓ ନିୟମିତଭାବରେ ନିଯୁକ୍ତି ପାଇଛନ୍ତି ବୋଲି ବିବେଚିତ ହେବେ ଏବଂ ସେପରି ନିଯୁକ୍ତି ଶିକ୍ଷା ଅଧିନିୟମ ଓ ତଦଧୀନ ପ୍ରଣୀତ ନିୟମାବଳୀ ଓ ବିନିୟମାବଳୀ ଦ୍ୱାରା ବିହିତ ପ୍ରକ୍ରିୟାରେ ନ ହୋଇ ଅନ୍ୟଥା କରାଯାଇଛି ବୋଲି କେବଳ ମାତ୍ର କାରଣରୁ କୌଣସି ନ୍ୟାୟାଳୟରେ ଆପତ୍ତି କରାଯାଇ ପାରିବ ନାହିଁ :

ପରନ୍ତୁ ଉପରୋକ୍ତ ନିଯୁକ୍ତିର ବିଧିମାନ୍ୟକରଣ ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ କୌଣସି ପ୍ରକାରେ ଅସୁବିଧାରେ ପକାଇବ ନାହିଁ, -

(i) ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ 1976 ଡିସେମ୍ବର 1 ଓ 1991ଡିସେମ୍ବର 31 ପୂର୍ବରୁ ଚୟନ ମଣ୍ଡଳୀର ସୁପାରିସ କ୍ରମେ ନିଯୁକ୍ତି ପାଇଥିବା ହିନ୍ଦୀ ଶିକ୍ଷକ; ବା

(ii) ଏହି ଅଧିନିୟମର ପ୍ରାରମ୍ଭ ପୂର୍ବରୁ ଅନୁଦାନ ପ୍ରାପ୍ତ ଉଚ୍ଚ ବିଦ୍ୟାଳୟଗୁଡିକରେ ଯେଉଁ ହିନ୍ଦୀ ଶିକ୍ଷକମାନଙ୍କ ନିଯୁକ୍ତିକୁ ବିଧିମାନ୍ୟ କରାଯାଇଥିଲା, ସେମାନଙ୍କୁ ।